# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
# କପା ଚାଷ ପାଇଁ XXV (ପଚିଶତମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ନଭେମ୍ବର | | | | | ନଭେମ୍ବର | | | | |
| | | 12 | 13 | 14 | 15 | 16 | 17 | 18 | 19 | 20 | 21 |
|  | କୋରାପୁଟ | | | | | | | | | | |
| | କଳାହାଣ୍ଡି | | | | | | | | | | |
| | ବଲାଙ୍ଗିର | | | | | | | | | | |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

କପା ଫସଲ ଏବେ 147-157 ଦିନରେ ବକରା ବୃଦ୍ଧି ଏବଂ ଫାଟିବା ଅବସ୍ଥାରେ ଅଛି ।ବର୍ତମାନ ସବୁ ଜିଲ୍ଲାରେ କପା ଅମଳ କରିବା କାମ ଚାଲିଛି ।କପା ଫସଲରେ ପ୍ରାୟ ସବୁ ପ୍ରକାର ଘାସ ଯଥା ସରୁ ପତ୍ର ଘାସ ଓ ବଡ ପତ୍ର ଘାସ ରହିଛି।ପ୍ରାୟ ସବୁ ସ୍ଥାନରେ ଜଉ ପୋକ, ପତ୍ର ଡିଆଁ, ପତ୍ର ସୁଡଙ୍ଗ ପୋକ ଓ ପତ୍ରଖିଆ ଲେଡା ପୋକ ଲାଗିଛି ଏବଂ ଲଗାଣ ବର୍ଷା ଓ ଜମିରେ ପଣି ଜମି ରହିବା କାରଣରୁ କେତେକ ସ୍ଥାନରେ ଝଉଂଳା ରୋଗ ଲାଗିଛି ।କଳାହାଣ୍ଡି, ରାୟଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ପାଟଳ ବକରା ବିନ୍ଧା ପୋକ ଲାଗିଁଛି। ରାୟଗଡା, କଳାହାଣ୍ଡି, ନୂଆପଡା ଓ ବଲାଙ୍ଗିର ଜିଲ୍ଲାରେ କପ ଫସଲରେ ପତ୍ର ଦାଗ, ବୀଜାଣୁ ଜନିତ ପାତ୍ର ଦାଗ ଓ ପାଉଁସିଆ ପାତ୍ର ଦାଗ ରୋଗ ଦେଖାଁ ଦେଇଛି।

**ପରାମର୍ଶ:**

ଏବେ କପା ଫୁଟିବା ଆରମ୍ଭ ହେଇଥିବାରୁ, ଚାଷୀମାନେ କପା ତୋଳିବା ଉଚିତ। ଏଥିପାଇଁ ଶୁଖିଲା ପାଗ ଦେଖି ସମ୍ପୂର୍ଣ ଭାବରେ ଫୁଟିଥିବା ବକରାରୁ କପା ତୋଳିବା ଦରକାର। ତୋଳା ଯାଇଥିବା କପାକୁ ଭଲଭାବରେ ଶୁଖାଇ, କପଡାରେ ତିଆରି ଅଖାରେ ସାଇତି ରଖିବା ଉଚିତ ।ପ୍ରଥମ ଥର ତୋଳା ହୋଇଥିବା କପାକୁ ଅଲଗା ଭାବରେ ସାଇତିବା ଦରକାର। ପତ୍ର ଡିଆଁ ପୋକ ଓ ଧଳା ମାଛି ଆର୍ଥିକ ଡାହେଳି ସୀମା ଅତିକ୍ରାନ୍ତ କଲେ ଏକର ପିଛା ୪0 ଗ୍ରାମ ଫ୍ଲୋନିକାମିଡ 50 **WG** କିମ୍ବା 60 ଗ୍ରାମ ଡାଇନୋଟେଫୁରଣ **20**SG କିମ୍ବା 300 ମିଲି ଟୋଲ୍ଫେଂପୟରଦ **15EC** ଔଷଧ ସିଂଚନ କରନ୍ତୁ।ଜଉ ପୋକ ଓ ପତ୍ର ଡିଆଁ ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୪ ଟି ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ। ପାଟଳ ବକରା ବିନ୍ଧା ପୋକର ଉପସ୍ଥିତ ସର୍ବେକ୍ଷଣ ସର୍ବେକ୍ଷଣ କରନ୍ତୁ ଏବଂ ଆକ୍ରାନ୍ତ ଫୁଲ କିମ୍ବା ଡାଲକୁ ଛିଣ୍ଡାଇ ଦିଆନ୍ତୁ। ଏହାର ନିୟନ୍ତ୍ରଣ ପାଇଁ ହେକ୍ଟର ପିଛା 5 ଟି ସାଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ। ପାଟଳ ବକରା ବିନ୍ଧା ପୋକର ସଂଖ୍ୟା ଆର୍ଥିକ ଡାହେଳି ସୀମା ( ଗୋଟିଏ ସଙ୍ଗ ଆକର୍ଷକ ଯନ୍ତାରେ 5-୪ ପ୍ରଜାପତି କ୍ରମାଗତ ଭାବରେ 3 ରାତିରେ ପଡିଲେ କିମ୍ବା ସବୁଜ ଆକ୍ରାନ୍ତ ବକରା 10% ରୁ ଅଧିକ ହେଳେ) ଅତିକ୍ରମ କଲେ ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି 200 ମିଲି ଫେନଭଲରେଟ 20 କିମ୍ବା 200 ମିଲି ଲମ୍ଡା ସାଇହଲୋଥ୍ରିନ 5ଇସି କିମ୍ବା 250 ମିଲି ସାଇପାରମେଥରିନ 10 ଇସି କିମ୍ବା 100 ମିଲି ସାଇପାରମେଥରିନ 25 ଇସି କିମ୍ବା 200 ମିଲି ଦେଲତାମେଠରିନ 2.୪ ଇସି କିମ୍ବା 120 ମିଲି ଅଲଫାମେଥରିନ 10 ଇସି ଅଉଷଧକୁ ସିଂଚନ କରନ୍ତୁ। ଝଉଂଳା ରୋଗୋ ଦେଖା ଯିବାର 24-4୪ ଘଣ୍ଟା ମଧ୍ୟରେ 10 ଲିଟର ପାଣିରେ 1 ଗ୍ରାମ କରବେନ୍ଦାଜିମ 50%WP ସହିତ 10 ଗ୍ରାମ ୟୁରିଆ ମିଶାଇ ସିଂଚନ କରନ୍ତୁ। ନାଲି ପତ୍ରଦାଗ ରୋଗର ନିରାକରଣ ପାଇଁ 100 ଗ୍ରାମ ମାଗ୍ନେସିଆମ ସଲ୍ଫେଟ ସହିତ 100 ଗ୍ରାମ ୟୁରିଆ କୁ 10 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। କବକ ଜନିତ ପତ୍ର ଦାଗ ଓ ଫଳ ଶଢା ରୋଗର ପରିଚାଳନା ପାଇଁ ଏକ ଲିଟର ପାଣିରେ 1 ମିଲି ଅଜୋକ୍ସିସ୍ତ୍ରୋବିନ 1୪.02 % + ଡିଫେନୋକୋନାଜୋଲ 11.4 % SC ଔଷଧ କିମ୍ବା ଏକ ଲିଟର ପାଣିରେ 1 ମିଲି ପ୍ରୋପିକୋନାଜୋଲ କିମ୍ବା 2.5 ଗ୍ରାମ ଥାଯୋଫନେଟ ମିଥାଇଲ 70% WP କିମ୍ବା 0.4 ଗ୍ରାମ କର୍ବେନ୍ଦାଜିମ 50WP କିମ୍ବା 2.5 ଗ୍ରାମ କର୍ବେନ୍ଦାଜିମ 12% + ମଙ୍କୋଜେବ 63% WP ଅଉଷଧକୁ 15 ଦିନ ଅନ୍ତରରେ 2 ଥର ପତ୍ର ସିଂଚନ କରନ୍ତୁ।

**ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ (CICR Cotton App ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ଵାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ ।ଗୁଗଲ**

ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ ।ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ (https://cicr.org.in/resource-weekly-advisory) ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।